# Akashvani, Sambalpur

## SAMBALPURI NEWS BULLETIN

### 13 November 2025 – 6.47- 6.52 am.

*************************************************

ରାଜ୍ୟପାଲ ସମୀକ୍ଷା I&PR

ଜନଜାତି ଜୀବିକାଥି ଉନ୍ନତି ଆନ୍‌ବାର୍ ଲାଗି କୃଷି ସହଯୋଗୀ କାର୍ଯ୍ୟକଲାପକେ ତହଁକାବାର୍ ସହେତେ ସମିଆଜାନି ହିସାବ୍ ଦାଖଲ୍ କର୍‌ବାର୍‌କେ ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ । ରାଜଭବନ୍‌ଠାନେ ଗଲାକାଏଲ୍ ରାଜ୍ୟର୍ ସମନ୍ୱିତ୍ ଆଦିବାସୀ ଉନ୍ନୟନ ସଂସ୍ଥାର୍ ୨୦୨୩ ଆର୍ଥିକ୍ ବଛର୍ ଲାଗି ସିଏଜି ରିପୋର୍ଟ୍‌ର ପର୍ଯ୍ୟବେକ୍ଷକ ଆଉ ସୁପାରିଶ ଉପ୍‌ରେ ଆଲୋଚନା କରି କରି ରାଜ୍ୟପାଲ ଇଟା କହିଛନ୍ । ବୈଠକ୍‌ଥି ପ୍ରମୁଖ ମହାଲେଖାକାର-ଅଡିଟ୍ ସୁବୁ ଆର୍, ଅର୍ଥ ବିଭାଗର୍ ପ୍ରମୁଖ ଶାସନ ସଚିବ ସଞ୍ଜିବ କୁମାରଙ୍କର ସହେତେ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ ଥିଲେ ।

ଚଳଚ୍ଚିତ୍ର ସଂରକ୍ଷଣ ଆଉ ପୁନରୁଦ୍ଧାର କର୍ମଶାଳା I&PR

ଓଡ଼ିଆ ସିନ୍‌ମାର୍ ଗୌରବ୍ ଫିରେଇ ଆନ୍‌ବାର୍ ଲାଗି ସରକାରଙ୍କର ତର୍‌ଫୁ ସବୁ ସହଯୋଗ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ କହିଛନ୍ । ଭୁବନେଶ୍ୱର କଳାଭୂମିଠାନେ ଗଲାକାଏଲ୍ ୧୦ ନମ୍ବର ଚଳଚ୍ଚିତ୍ର ସଂରକ୍ଷଣ ଆଉ ପୁନରୁଦ୍ଧାର କର୍ମଶାଳାକେ ଉଦ୍‌ଘାଟନ୍ କରି କରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । କର୍ମଶାଳାଥି ଦେଶ୍‌ବିଦେଶ୍‌ନୁ ବହୁତ୍ ନାଁକରା ଫିଲ୍ମ ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ସିନ୍‌ମାର ପୁନରୁଦ୍ଧାର ଲାଗି ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ସହେତେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । କର୍ମଶାଳା ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବା ।

ସୁଭଦ୍ରା ଶକ୍ତି ମେଳା I&PR

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ସୁଭଦ୍ରା ଶକ୍ତି ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ୩୦ଟା ଜିଲ୍ଲା ନ ଆସିଥିବା ସ୍ୱୟଂ ସହାୟକ୍ ଗୋଷ୍ଠୀର୍ ମହିଲାମାନେ ୩ ଶହନୁ ଅଏତ୍‌କା ଷ୍ଟଲ୍ ଜରିଏ ନିଜେ ବନେଇଥିବା ଭିନ୍ ଭିନ୍ ରକ୍‌ମର ଦରବ୍ ପ୍ରଦର୍ଶନ୍ ଆଉ ବିକ୍ରି କର୍‌ବାର୍ ଲାଗି ଇ ମେଳା ଗୁଟେ ବର୍‌କସ୍ ମାଧ୍ୟମ୍ ସାଜିଥିଲା । ଇ ବଛର୍ ସୁଭଦ୍ରା ଶକ୍ତି ମେଳାଥି ୧୨ ଦିନେ ୧୨ କୋଟିନୁ ଅଏତ୍‌କା ଟଙ୍କାର୍ ବେପାର୍ ହେଇଥିବା ଜଣାପଡ଼ିଛେ । ଉଦ୍‌ଯାପନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି  ମହିଲାମାନ୍‌କର ଉଦ୍ୟୋଗୀ ପରାକାଷ୍ଠାର୍ ପ୍ରଶଂସା କରିଥିଲେ ।

(ଭଏସ୍----ଉପମୁଖ୍ୟମନ୍ତ୍ରୀ)

ସମାରୋହଥି ପୂର୍ତ ଆଉ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଭଲ୍ ପ୍ରଦର୍ଶନ୍ କରିଥିବା ମହିଲା ଗୋଷ୍ଠୀମାନ୍‌ଙ୍କୁ ୧୦ଟା ବର୍ଗନ ପୁରସ୍କୃତ୍ କରାଯାଇଥିଲା ।

ଜଲ୍ ସମ୍ପଦ ବୈଠକ୍ I&PR

ରାଏଜେ ୨୦୨୯ ମସିହାତକ୍ ୧୫ ଲାଖ୍ ହେକ୍ଟର ଜମିନ୍‌କେ ପାଏନ୍ ମଡ଼ାବାର୍ ବ୍ୟବସ୍ଥା କରାଯିବା । ଉଠାଜଲ୍‌ସେଚନ୍ ପ୍ରକଳ୍ପଥି ପାନିର୍ ସମିଆଜାନି ନାପ୍‌ବାର ଲାଗି ପ୍ରଯୁକ୍ତି ବିଦ୍ୟାର୍ ବେଭାର୍ କରାଯିବା । ରାଜ୍ୟ ଜଲନୀତି ପ୍ରସ୍ତୁତିର୍ ଅଗ୍ରଗତି ବାବ୍‌ଦେ ଗଲାକାଏଲ୍ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ହେଇଥିବା ରାଜ୍ୟ ଜଲସମ୍ପଦ ବୋର୍ଡର ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ସେନ୍ତା ଜଲସମ୍ପଦ ବିଭାଗ୍ ଅଧିନ୍‌ଥି ଥିବା ଭିନ୍ ଭିନ୍ ମୁଖିଆ କମିଟିମାନ୍‌କୁ ରାଜ୍ୟ ଜଲସମ୍ପଦ ବୋର୍ଡ ସହେତେ ଜୁଡ଼ବାର ଲାଗି ବୈଠକ୍‌ଥି ଧାରିଜ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ଯୋଗ୍ ଦେଇକରି ଇଥି ସମ୍ପୃକ୍ତ ବିଭାଗ୍‌ମାନ୍‌କୁ ଜଲ୍ ସମ୍ପଦ୍‌ର ବିକାଶ ଆଉ ପାନିର୍ ସୁପରିଚାଲ୍‌ନା ବାବ୍‌ଦେ ପରାମର୍ଶ ଦେଇଛନ୍ ।

ଓଡ଼ିଶା ବୈଦ୍ୟୁତିକ ଗାଡ଼ି ନୀତି ବୈଠକ୍ I&PR

ଓଡ଼ିଶା ବୈଦ୍ୟୁତିକ ଗାଡ଼ି-ଇଭି ନୀତିଥି ପ୍ରସ୍ତାବିତ୍ ସଂଶୋଧନ୍ ଉପ୍ରେ ଗୁଟେ ଅଂଶୀଦାର ପରାମର୍ଶ ବୈଠକ୍ ବାଣିଜ୍ୟ ଆଉ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍ଥି ରାଜ୍ୟର୍ ଇଭି ଇକୋସିଷ୍ଟମ୍କେ ବର୍‌କସ୍ କର୍‌ବାର୍ ସହେତେ ଆଏବା ଦିନେ ଆସ୍‌ବାର୍‌କେ ଥିବା ଓଡ଼ିଶା ଇଭି ନୀତି ୨.୦ର ଢାଂଚା ଗଠନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ବୈଠକ୍ଥି ବହୁତ୍‌ଟେ ବିଭାଗ ଆଉ କ୍ଷେତ୍ରର୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲାପାଳ-ଏସ୍‌ପି ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୮ ତାରିଖ୍ ଭୁବନେଶ୍ୱର ଲୋକ ସେବା ଭବନ୍ ନ ଜିଲ୍ଲାପାଲ୍‌ମାନ୍‌କର ସମ୍ମିଳନୀ ହେବା । ସେନ୍ତା ୧୯ ତାରିଖ୍‌ଦିନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ମାନ୍‌କର ମିଲିତ୍ ସମ୍ମିଳନୀ ହେବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ସବୁ ରାଜସ୍ୱ ଆୟୁକ୍ତ ଆଉ ଜିଲ୍ଲାପାଲ୍‌ମାନଙ୍କୁ ଚିଠି ଜରିଏ ଜନେଇ ଦିଆଯାଇଛେ ।

ଜାମା ଲାଗି ନୀତି                ପୁରୀ ସମ୍ବାଦଦାତା

ମଗ୍‌ସିର ମାସର ଅନ୍ଧାର ପଖର୍ ନଅମି ତିଥି ଅବ୍‌ସରେ ଆଏଜ୍‌ଠାନୁ ପୁରୀ ଶ୍ରୀମନ୍ଦିର ନ ମାହାପୁରୁମାନ୍‌କର ଜାମା ଲାଗି ନୀତି ମୁଲ୍ ହେଉଛେ । ମାହାପୁରମାନ୍‌ଙ୍କୁ ଶୀତ୍ ହେଉଥିବାର୍‌ନୁ ଇ ବେଶ୍ କରାଯାଇଛେ । ସେନ୍ତା ଆଏଜ୍ ମାହାପୁରମାନ୍‌କର ବନକଲାଗି ନୀତି କରାଯିବା । ଦୁଇ ନମ୍ବର ଭୋଗମଣ୍ଡପ ଶେଷ୍ ହେବାର୍ ଉତ୍‌ରୁ ଇ ଗୁପ୍ତ ନୀତି ହେବା । ହେଥିର୍‌ଲାଗି ସଞ୍ଜବେଲର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ସାଧାରଣ ଲୁକ୍‌କର ଲାଗି ଦର୍ଶନ୍ ବନ୍ଦ ରହେବା ବଲି ଶ୍ରୀମନ୍ଦିର ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଲ୍ଲାସ୍ତରୀୟ ସର୍ଗିଫୁଲ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍ ଖୁଲିଆ ସେବାଶ୍ରମ ବିଦ୍ୟାଲୟ ନ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ୍-୨୦୨୫ ହେଇଯାଇଛେ । ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ ବିଭାଗ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମଥି ଜିଲ୍ଲାର ପାଖାପାଖି ୮ ଶହ ଝନ୍ ଛାତ୍ରଛାତ୍ରୀ ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଦ୍‌ଘାଟନ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ପବନ୍ ଆସୁଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ରାତିର୍ ତାପମାତ୍ରା ୩/୪ ଡିଗ୍ରୀ ତକ୍ କମିଛେ । ଆଏବା ୪ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ୩ ନୁ ୪ ଡିଗ୍ରୀ ତକ୍ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ ସାମାଏନ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲକାଏଲ୍ ରାଜ୍ୟର ୧୪ଟା ଜାଗା ନ ରାତିର୍ ତାପମାତ୍ରା ୧୫ ଡିଗ୍ରୀ ତଲେ ରହିଥିଲା ।